## ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ତୃତୀୟ ପ୍ରତିଷ୍ଠା ଦିବସ

# ଶିକ୍ଷା ଓ ରୋଜଗାର ମଧ୍ୟରେ ସାମଞ୍ଜସ୍ୟ ରହିବା ଉଚିତ

ସମ୍ବଲପୁର,୧୦।୬(ଇମିସ): ଶିକ୍ଷା (ଲର୍ନିଂ) ଓ ରୋଜଗାର (ଅର୍ନିଂ) ମଧ୍ୟରେ ସାମଞ୍ଜସ୍ୟ ରହିବା ଉଚିତ। ଲର୍ନିଂ ଏକ ମୌଳିକ ଶବ୍ଦ ନୁହେଁ ଏହା ଅର୍ନିଂରୁ ହିଁ ଉଦ୍ଭୁତ। ଉଭୟ ମଧରେ ଛାଡ଼ପତ୍ର ହେବା ଉଚିତ ନୁହେଁ ବୋଲି କହିଛନ୍ତି ମହାରାଷ୍ଟ୍ର ନଲେଜ କର୍ପୋରେସନ, ପୁନେର ପରିଚାଳନା ନିର୍ଦ୍ଦେଶକ ବିବେକ ସାମତ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ କହିଛନ୍ତି, ରୋବଟ୍‌ର ପ୍ରଚଳନ ନେଇ ଭୟଭୀତ ହେବାର ନାହିଁ। ଏଥିରେ ୬୯ ପ୍ରତିଶତ ପାରମ୍ପରିକ ରୋଜଗାର ଚାଲିଯିବାର ଆଶଙ୍କା ସୃଷ୍ଟି ହେଉଥିଲେ ମଧ ତା' ବଦଳରେ ବିକଳ୍ପ କାର୍ଯ୍ୟ ତିଆରି ହେବ।

ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ସାମତ କହିଥିଲେ, ଏମକେସିଏଲର ରୋଜଗାର ଆଧାରିତ ଶିକ୍ଷା ଗାନ୍ଧୀଜୀଙ୍କ 'ନଇ ତାଲିମ' ନୀତି ଉପରେ ଆଧାରିତ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଏହାକୁ ଉପଯୁକ୍ତ ଭାବରେ ଲାଗୁ କରିପାରିଲେ ମହାତ୍ମା ଗାନ୍ଧୀଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ। ଆଜି ମଧ ଦେଶରେ ଆର୍ଥିକ ଦୂରବସ୍ଥା ଯୋଗୁଁ ଅନେକ ଯୁବକ ଉଚ୍ଚଶିକ୍ଷାରୁ ବଞ୍ଚିତ। ଅନ୍ୟ ଦିଗରେ କାରଖାନାଗୁଡ଼ିକ ଦକ୍ଷ ମାନବ ସମ୍ବଳର ଅଭାବ ଅନୁଭବ କରୁଛନ୍ତି। ଶିଳ୍ପ ଏବଂ ବିଶ୍ୱବିଦ୍ୟାଳୟ ଅଂଶୀଦାର ହୋଇ କାର୍ଯ୍ୟ କଲେ, ଯୁବ ଗୋଷ୍ଠୀ ଆତ୍ମନିର୍ଭରଶୀଳ ହୋଇ ପାରିବେ। ବର୍ତ୍ତମାନ ସେବା କ୍ଷେତ୍ରରେ ସୁଯୋଗ ବୃଦ୍ଧି ପାଇଛି। ଭିଏସଏସୟୁଟି କୁଳପତି ପ୍ରଫେସର ଅଟଳ ଚୌଧୁରୀ କହିଥିଲେ, ପାଠ୍ୟକ୍ରମକୁ ନଯାଇ ପାଠର ଭିତ୍ତିକୁ ବୁଝିଲେ, ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା କହିଥିଲେ, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କୁ ଦକ୍ଷ କରିବା ସହିତ ପ୍ରମାଣପତ୍ର ପ୍ରଦାନ କରୁଛି। ବିଧାୟିକା ଡା.ରାସେଶ୍ୱରୀ ପାଣିଗ୍ରାହୀ କହିଥିଲେ, ଜ୍ଞାନ ପାଇଁ ବୟସର ବାଧା ନାହିଁ। ୮୧ ବର୍ଷିୟ ବ୍ୟକ୍ତି ମଧ ମୁକ୍ତ ବିଶ୍ୱବିଦ୍ୟାଳୟର ଛାତ୍ର ହେବା ଏହାର ଉପଲବ୍ଧୀ। କୁଳପତି ଶ୍ରୀକାନ୍ତ ମହାପାତ୍ର କହିଛନ୍ତି, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଅନ୍ୟ ବିଶ୍ୱବିଦ୍ୟାଳୟର ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ସେମାନଙ୍କ ସହଯୋଗୀ ଅଟେ। ଉଭୟଙ୍କ ସହବସ୍ଥାନ ବିଦ୍ୟାର୍ଥୀଙ୍କୁ ଦକ୍ଷ କରିବ। କାର୍ଯ୍ୟକ୍ରମ ଆରମ୍ଭରୁ ରେଜିଷ୍ଟ୍ରାର ଜୟନ୍ତ କର ଶର୍ମା ସ୍ୱାଗତ ଭାଷଣ ଏବଂ କନସଲଟାଣ୍ଟ ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନଲାଇନ ଆଡମିସନ୍ ଆପ୍ ଉଦ୍‌ଘାଟିତ ହୋଇଛି।




## ଏମକେସିଏଲ ସମେତ ୪ ଅନୁଷ୍ଠାନ ସହିତ ଚୁକ୍ତିନାମା ସ୍ୱାକ୍ଷରିତ

ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ବିବିଏ ବିଦ୍ୟାର୍ଥୀ କାରଖାନାରେ ରୋଜଗାର ସହିତ ପାଠ ପଢ଼ିପାରିବେ। ଚଳିତ ଶିକ୍ଷା ବର୍ଷରୁ ସେମାନଙ୍କୁ ସେହି ସୁବିଧା ମିଳିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରତିଷ୍ଠା ଦିବସରେ ମହାରାଷ୍ଟ୍ର ନଲେଜ କର୍ପୋରେସନ (ଏମକେସିଏଲ)ସହିତ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ମଧରେ ଚୁକ୍ତିନାମା ପରେ ଏହା ସମ୍ଭବ ହୋଇଛି। ଏମକେସିଏଲ ସହିତ ରାଜ୍ୟର ବିଭିନ୍ନ କାରଖାନା ଅନୁବନ୍ଧିତ ଅଟେ। ଏହି କାରଖାନାଗୁଡ଼ିକରେ ମୁକ୍ତ ବିଶ୍ୱବିଦ୍ୟାଳୟ ବିବିଏ ବିଦ୍ୟାର୍ଥୀ ରହିବେ। ପ୍ରତିଷ୍ଠା ଦିବସରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରାମ୍ୟ ବିକାଶ ଏବଂ ପଞ୍ଚାୟତିରାଜ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଜିଏମ ବିଶ୍ୱବିଦ୍ୟାଳୟ ସହିତ ଚୁକ୍ତିନାମା ସ୍ୱାକ୍ଷରିତ କରିଛି। ଏଥି ଅନ୍ତର୍ଗତରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ଗ୍ରାମ୍ୟ ବିକାଶ ପାଠ୍ୟକ୍ରମ ସୁବିଧା ଆରଡି ଏବଂ ପଞ୍ଚାୟତିରାଜ କାର୍ଯ୍ୟାଳୟ କର୍ମଚାରୀ ନେଇ ପାରିବେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଜିଏମ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀ ସ୍ୱଳ୍ପ ନାମଲେଖା ପ୍ରାପ୍ୟ ଦେଇ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ଦକ୍ଷତା ଅଭିବୃଦ୍ଧି ଭିତ୍ତିକ ପାଠ୍ୟକ୍ରମର ସୁବିଧା ନେବେ।